ଏପିସୋଡ ୨୬

# ସାମାଜିକ, ଅର୍ଥନୈତିକ ଏବଂ ପରିବେଶୀୟ ପ୍ରଭାବ

ମୂଳ ରଚନା: ଏସ୍. ପି. ଧାର୍‌ନେ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର ମୁକ୍ତା ସ୍କୁଲ ଛାତ୍ରୀ

ବିଶାଲ କଲେଜ ଛାତ୍ର

ମନୋହର ଚାଷୀ (ମୁକ୍ତା ଓ ବିଶାଲଙ୍କ ବାପା)

ମାନସୀ ମୁକ୍ତା/ବିଶାଲଙ୍କ ମା

ଅଶୋକ ପରିବେଶ ଅଧ୍ୟାପକ

ପ୍ରମୋଦା ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ

(ମନୋହରଙ୍କ ଘର, ସନ୍ଧ୍ୟାବେଳ, ପିଲାମାନେ ଘରେ ଖେଳୁଛନ୍ତି)

ବିଶାଲ: (ବହିରୁ ବଡ଼ ପାଟିରେ ପଢୁଛି ) ଅଙ୍ଗାରକାମ୍ଳ, ମିଥେନ, କ୍ଲୋରୋଫ୍ଲୋରୋ କାର୍ବନ, ହାଇଡ୍ରୋ-ଫ୍ଲୋରୋ କାର୍ବନ, ନାଇଟ୍ରସ୍ ଅକ୍ସାଇଡ ଏପରିକି ଜଳକଣା ସବୁଜକୋଠରୀ ବାଷ୍ପର ପ୍ରଭାବର କାରକ। (ମନଦୁଃଖରେ) ଏତେ ଥର ପଢ଼ିଲିଣି, କିନ୍ତୁ ମନେରହୁନାହିଁ।

ମୁକ୍ତା: ଟିକେ ପାଟି ବନ୍ଦ କର।

ଟିକିଏ ସମୟ ସମସ୍ତେ ଚୁପ।

ବିଶାଲ:   ଓହୋ ଓ ଶବ୍ଦ ବନ୍ଦ କର।

ମାନସୀ:  ବିଶାଲ ତୋର କ'ଣ ହୋଇଛି। କାହିଁକି ଏମିତି ପାଟି କରୁଛୁ?

ବିଶାଲ:   ମା, ମୁକ୍ତା ମତେ ପଢ଼ିବାକୁ ଦଉନାହିଁ। ଦେଖ, ଏ କ'ଣ ଖେଳୁଛି।

ମୁକ୍ତା: ମା ମୁଁ କିଛି କରୁନାହିଁ। ମୁଁ ତ ଏକା ଖେଳୁଛି। ପାଟି ତ ଭାଇ କରୁଛି।

ବିଶାଲ:   ରହ ମୁଁ ତତେ ଦେଖୁଛି। (ମୁକ୍ତା ପଛରେ ଧାଉଛି, ମୁକ୍ତା ପାଟି କରି ଦଉଡୁଛି)

ମାନସୀ: ମୁକ୍ତା, ତୁ ଏଠିକି ଆସି ମତେ ସାହାଯ୍ୟ କର । ମୁଁ ତମ ପାଇଁ ଗୋଲାପଜାମୁ ତିଆରି କରୁଛି।

ବିଶାଲ: ଅଙ୍ଗାରକାମ୍ଳ, ମିଥେନ, କ୍ଲୋରୋଫ୍ଲୋରୋ କାର୍ବନ, ନାଇଟ୍ରସ୍ ଅକ୍ସାଇଡ... (ବାରମ୍ବାର ଦୋହରାଉଛି)

(ଦୁଆର ଘଣ୍ଟି ବାଜିବା)

ବିଶାଲ:   ଓହୋ କେମିତି ପଢ଼ିବି? ଏବେ ପୁଣି କିଏ ଆସିଲେ?

ମାନସା:  ମୁକ୍ତା ଦେଖ, କିଏ ଆସିଲେ।

(ଦୁଆର ଖୋଲିବାର ଶବ୍ଦ)

ବିଶାଲ:   ଆରେ ବାପା, ଦିନସାରା ଆଜି କୋଉଠି ଥିଲ?

ମନୋହର:  ଆଜି ଆମେ ଗୋଟିଏ ଫାର୍ମ ବୁଲିବାକୁ ଯାଇଥିଲୁ। ତମେମାନେ ଆଜି କ'ଣ କଲ?

ବିଶାଳ:  ବାପା, ମୁଁ ତ ମୋର ପାଠ ପଢୁଛି। ଆସନ୍ତା ସପ୍ତାହରେ ମୋର ପରୀକ୍ଷା।

ମନୋହର: ବହୁତ ଭଲ କଥା। ପାଠ ଜୀବନରେ ବହୁତ ଦରକାରୀ। ମାନସୀ, ମୁଁ ଆସିଲିଣି। ରୋଷେଇରେ ବୋଧେ ଲାଗିଛି।

ମାନସୀ:  ହଉ, ଖାଇବା ବି ରେଡି।

(ଟେଲିଫୋନ ଘଣ୍ଟି ବାଜିବା)

ମନୋହର:  ମୁକ୍ତା, ଦେଖିଲୁ କିଏ ଫୋନ କରିଛନ୍ତି।

(ମୁକ୍ତା ଫୋନ ଉଠାଇ କଥା ହେଉଛି)

ପ୍ରମୋଦା:(ଫୋନରେ) ହ୍ୟାଲୋ... ମୁଁ ପ୍ରମୋଦା କହୁଛି। କେମିତି ଅଛ?

ମୁକ୍ତା: ହ୍ୟାଲୋ ମାଉସୀ, ଆପଣ କେମିତି ଅଛନ୍ତି। ବହୁତ ଦିନ ହେଲାଣି ଦେଖା ହୋଇନାହିଁ।

ପ୍ରମୋଦା:ଠିକ କହିଛ। ବହୁତ ଦିନ ହେଲାଣି ଆସିନାହିଁ। ଠିକ ଅଛି, ମୁଁ ଆଜି ଆସୁଛି। ଦଶ ମିନିଟରେ ପହଞ୍ଚିବି। ବାପା ଆଉ ମା'ଙ୍କୁ କହିଦେବ।

ମୁକ୍ତା: ଠିକ ଅଛି ମାଉସୀ। ଆମେ ଆପଣଙ୍କୁ ଅପେକ୍ଷା କରିଛୁ। (ଟେଲିଫୋନ ରଖୁଛି)

ମୁକ୍ତା: ବାପା, ପ୍ରମୋଦା ମାଉସୀ ଆସୁଛନ୍ତି।

ମନୋହର/ମାନସୀ:  ଆରେ ବାଃ, ବଢ଼ିଆ କଥା।

ମାନସୀ:  ମୁଁ ଆଜି ହିଁ ଗୋଲାପଜାମୁ ତିଆରି କରିଛି।

ବିଶାଳ: ପ୍ରମୋଦା ମାଉସୀ ଜଣେ ବହୁତ ବଡ଼ ପରିବେଶ ବିଜ୍ଞାନୀ । ପରିବେଶ ଆଉ ଜଳବାୟୁ ଉପରେ ତାଙ୍କର ଅନେକ ଜ୍ଞାନ। ମୁଁ ତାଙ୍କୁ ଏ ବିଷୟରେ ଅନେକ କଥା ପଚାରିବି।

ମାନସୀ: ଠିକ ଅଛି। ସେ ଆସିଲେ ସମସ୍ତେ ମିଶି ଏକାଠି ଖାଇବା।

(ଦୁଆର ଘଣ୍ଟି ବାଜିବାର ଶବ୍ଦ)

ମୁକ୍ତା: ମୁଁ କବାଟ ଖୋଲୁଛି। ନମସ୍କାର ମାଉସୀ। କେମିତି ଅଛନ୍ତି?

ପ୍ରମୋଦା:ହ୍ୟାଲୋ ମୁକ୍ତା, ନମସ୍କାର ମନୋହର ଭାଇ। ଆପଣମାନେ କେମିତି ଅଛନ୍ତି?

ମନୋହର: ଆମେ ସମସ୍ତେ ଠିକ ଅଛୁ । ତମେ ତ ଆମକୁ ପୂରା ଚମକେଇ ଦେଲ।। ହଠାତ କେମିତି ଆସିଲ? ଆଗରୁ କିଛି ଖବର ନାହିଁ।

ପ୍ରମୋଦା:ମୁଁ ଆପଣମାନଙ୍କୁ ସର୍‌ପ୍ରାଇଜ ଦେବା ପାଇଁ ଚାହୁଁଥିଲି । ଏଠି ଗୋଟିଏ ସମ୍ମିଳନୀ ପାଇଁ ମୁଁ ଆସିଛି। ସେଠି ମୋର କହିବାର ଅଛି।

ମାନସୀ: କୋଉ ବିଷୟରେ ସମ୍ମିଳନୀ ହେଉଛି?

ପ୍ରମୋଦା:ଜାତିସଂଘ ଦ୍ୱାରା ଆୟୋଜିତ ଜଳବାୟୁ ପରିବର୍ତ୍ତନ ଉପରେ ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀ। କାଲିଠୁ ବିଜ୍ଞାନ ଭବନରେ ତିନିଦିନ ପାଇଁ ଏ ସମ୍ମିଳନୀ ଚାଲିବ।

ବିଶାଳ: ଏଥିରେ କେଉଁ ବିଷୟରେ ଆଲୋଚନା କରାଯିବ।

ପ୍ରମୋଦା:ଜଳବାୟୁ ପରିବର୍ତ୍ତନ, ବିଶ୍ୱ ଉଷ୍ମାୟନ ଆଦି ବିଷୟରେ ଗଭୀର

ଆଲୋଚନା କରାଯିବ। ଆମ ଗ୍ରହ ଆଉ ଜୈବବିବିଧତା ଉପରେ ପଡୁଥିବା ପ୍ରଭାବ ଉପରେ ବି କଥା ହେବ।

ବିଶାଲ: ମୁଁ ଏଥିରେ ଭାଗ ନେଇ ପାରିବି?

ମୁକ୍ତା: ହଁ ହଁ କାହିଁକି ନୁହେଁ। ବିଶ୍ୱର ସବୁ ବଡ଼ ବଡ଼ ବୈଜ୍ଞାନିକ ସେଠି ଥିବେ।

ପ୍ରମୋଦା:ଏମିତି ନୁହେଁ ମୁକ୍ତା। ଭଲ ହେବ ଯଦି ମୁକ୍ତ ଆଲୋଚନା ସମୟରେ ଆପଣମାନେ ସମସ୍ତେ ଆସିପାରିବେ। ମନୋହର ଭାଇଙ୍କୁ କୃଷି ସମ୍ବନ୍ଧୀୟ ନୂଆ ତଥ୍ୟ ଜାଣିବାକୁ ମିଳିବ। ବିଶାଲ ଆଉ ମୁକ୍ତା ତମ ଦୁହିଁଙ୍କୁ ପରିବେଶ ବିଷୟରେ ବହୁତ କିଛି ଜାଣିବାକୁ ମିଳିବ।

ମାନସୀ: ହଁ ଆପଣମାନେ ସମସ୍ତେ ଯିବା ଉଚିତ । ଏ ବିଷୟରେ ଜାଣିବା ଜରୁରୀ।

(ଦୃଶ୍ୟ ପରିବର୍ତ୍ତନ, ଖାଇବା ପରର ଆଲୋଚନା ଚାଲିଛି)

ବିଶାଲ: ମାଉସୀ ମୁଁ ଭାବୁଛି ଆପଣ ଏତେ ଶୀଘ୍ର ଶୋଇବାକୁ ଯିବେନାହିଁ। ମୋର କିଛି ପ୍ରଶ୍ନ ଅଛି। ପଚାରି ପାରିବି କି?

ପ୍ରମୋଦା:ନିଶ୍ଚୟ। ବିଶାଲ କ'ଣ ତମ ପ୍ରଶ୍ନ।

ବିଶାଲ: ମାଉସୀ, ମୋ ବହିରେ ଅଛି ଯେ ଅଙ୍ଗାରକାମ୍ଳ , ମିଥେନ, କ୍ଲୋରୋଫ୍ଲୋରୋ କାର୍ବନ, ହାଇଡ୍ରୋ ଫ୍ଲୋରୋ କାର୍ବନ, ନାଇଟ୍ରସ ଅକ୍ସାଇଡ ଏବଂ ଜଳୀୟବାଷ୍ପକୁ ସବୁଜକୋଠରୀ ବାଷ୍ପ ଶ୍ରେଣୀରେ ରଖାଯାଇଛି। ଏସବୁ ବାଷ୍ପ କ'ଣ ପରିବେଶର ଶତ୍ରୁ ଆଉ ତା'ର କ୍ଷତି

କରନ୍ତି?

ପ୍ରମୋଦା: ହଁ ଏକଥା ସତ। ବିଶ୍ୱ ଉଷ୍ମାୟନର ସବୁଠାରୁ ବଡ଼ କାରଣ ହେଉଛି ସବୁଜକୋଠରୀ ବାଷ୍ପ।

ବିଶାଳ: କିନ୍ତୁ ଆମ ଉଦ୍ଭିଦବିଜ୍ଞାନ ବହିରେ ଲେଖାହୋଇଛି ଯେ ଅଙ୍ଗାରକାମ୍ଳ ବାଷ୍ପରୁ ହିଁ ସୂର୍ଯ୍ୟ କିରଣ ସାହାଯ୍ୟରେ ଗଛଲତା ତାଙ୍କ ଖାଦ୍ୟ ପ୍ରସ୍ତୁତ କରନ୍ତି। ସବୁ ଜୀବଜନ୍ତୁ ଏହାକୁ ଖାଆନ୍ତି। ତାହେଲେ ଏ ବାଷ୍ପ କେମିତି କ୍ଷତିକାରକ ହେବ? ଏହା ବିନା ତ ଆମେ ଭୋକରେ ମରିଯିବା।

ପ୍ରମୋଦା: ବଢ଼ିଆ ପ୍ରଶ୍ନ। ତମ କଥା ଠିକ। କିନ୍ତୁ ସନ୍ତୁଳନ ରହିବା ବି ଜରୁରୀ। ଅଙ୍ଗାରକାମ୍ଳର ଉତ୍ସର୍ଜନ ଆଉ ତା'ର ବ୍ୟବହାର ଭିତରେ ସମାନତା ରହିବା ଦରକାର। ଏହି ଅବସ୍ଥାରେ ସେ ଆବଶ୍ୟକ ତାପମାତ୍ରା ରଖିପାରିବ, ଗଛଲତାଙ୍କୁ ଖାଦ୍ୟ ତିଆରି ପାଇଁ ସୁବିଧା ହେବ। ତା ମାନେ ପ୍ରକୃତି ସନ୍ତୁଳିତ ଅବସ୍ଥାରେ ରହିବ।

ବିଶାଳ: ତାହେଲେ ଅସନ୍ତୁଳିତ କାହିଁକି?

ପ୍ରମୋଦା: ଆମର କଳକାରଖାନା, ଶକ୍ତି ଉତ୍ପାଦନ, ଗାଡ଼ିମଟର ଆଦି ଏହି ସନ୍ତୁଳନକୁ ବିଗାଡ଼ି ଦିଏ। ଆମେ ଅତ୍ୟଧିକ ପରିମାଣରେ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କରୁଛେ। ଏହା ତାପକୁ ଅବଶୋଷିତ କରେ ଏବଂ ପୃଥିବୀର ତାପମାତ୍ରା ବଢ଼ାଏ।

ବିଶାଳ: ତାପମାତ୍ରା ବଢ଼େ! କେମିତି? ଆମ ପୃଥିବୀ ତ ଗୋଟିଏ ବିରାଟ

ଗ୍ରହ।

ପ୍ରମୋଦା:ହଁ ଏମିତି ହେଉଛି। ମୁଁ କିଛି ତଥ୍ୟ ଦେଉଛି। ଆଇପିସିସି ଅର୍ଥାତ ଇଣ୍ଟରଗଭର୍ଣ୍ଣମେ୍‌ଟାଲ ପ୍ୟାନେଲ ଫର୍ କ୍ଲାଇମେଟ ଚେଞ୍ଜ ମତରେ ଚଳିତ ଶତାବ୍ଦୀର ଶେଷ ଆଡ଼କୁ ପୃଥିବୀର ତାପମାତ୍ରା ହାରାହାରି ଦେଢ଼ ଡିଗ୍ରୀ ବଢ଼ିଯିବ। ଏହାର ପରିଣାମ ଭୟଙ୍କର ହେବ।

ମୁକ୍ତା: ଚାଲ ମାଉସୀ ଯିବା।

ପ୍ରମୋଦା:ହଉ ଯିବା। ଆଚ୍ଛା ବିଶାଲ ଏ ବିଷୟରେ ପରେ କାଲି କଥା ହେବା।

ବିଶାଲ: ହଉ ମାଉସୀ।

(ଦୃଶ୍ୟ ପରିବର୍ତ୍ତନ)

ମନୋହର: ଆରେ ଜଲ୍‌ଦି କର। ଆମକୁ ସାଢ଼େ ଦଶଟା ସୁଦ୍ଧା ବିଜ୍ଞାନ ଭବନରେ ପହଞ୍ଚିବାକୁ ହେବ। ସକାଳ ସମୟ, ରାସ୍ତାରେ ଭିଡ଼ ବହୁତ ଥିବ। ଘଣ୍ଟାଏ ଲାଗିଯିବ। ତମେମାନେ ସମସ୍ତେ ପ୍ରସ୍ତୁତ ହୋଇଯାଅ। ମୁଁ ଗାଡ଼ି ବାହାର କରୁଛି।

(କାର୍ ଚାଲିବା ଶବ୍ଦ,ଦୁଆର ବନ୍ଦ ହେବା)

ପ୍ରମୋଦା:ଧନ୍ୟବାଦ ମନୋହର ଭାଇ, ଆମେ ଠିକ ସମୟରେ ପହଞ୍ଚିଗଲେ। ସମ୍ମିଳନୀ ଆରମ୍ଭ ହେବାକୁ ଏବେ କିଛି ସମୟ ଅଛି। ଚାଲ ଗୋଟିଏ ଘେରା ବୁଲିଆସିବା।

(ସମସ୍ତେ ଚାଲୁଛନ୍ତି)

ପଛରୁ ସ୍ୱର...ଶ୍ରୀଯୁକ୍ତ ମନୋହର... ହ୍ୟାଲୋ ମନୋହର

ମନୋହର: ଆରେ କି ଚମତ୍କାର । ବିଶ୍ୱାସ ହେଉନାହିଁ। ପ୍ରଫେସର ଅସଫାକ। ଆପଣଙ୍କ ସହ ଭେଟ ହେଲା, ବହୁତ ଖୁସି ଲାଗୁଛି।

ଅସଫାକ:କେମିତି ଅଛ ମନୋହର?

ମନୋହର: ମୁଁ ଠିକ ଅଛି। ମୁଁ ଆପଣଙ୍କ ସହ ପରିଚୟ କରାଇ ଦେଉଛି। ଏ ମୋ ପତ୍ନୀ ମାନସୀ। ମୋ ପରିବାରର ସର୍ବେସର୍ବା, ଏବେ ସମାଜ ସେବାରେ ଲାଗିଛି।

ଅସଫାକ:ନମସ୍କାର ମ୍ୟାଡାମ।

ମାନସୀ: ନମସ୍କାର। ଆପଣଙ୍କର ହିନ୍ଦୀ ଜ୍ଞାନ ବହୁତ ଭଲ ଭଳି ମନେହେଉଛି।

ଅସଫାକ:ମତେ ଭାରତ ବହୁତ ଭଲ ଲାଗେ ଆଉ ମୁଁ ପ୍ରାୟ ଏଠିକୁ ଆସିଥାଏ।

ମନୋହର: ଏ ମୋ ଭଉଣୀ ପ୍ରମୋଦା। ଜଣେ ବରିଷ୍ଠ ଜଳବାୟୁ ବିଶାରଦ ଏବଂ ଭାରତୀୟ ପାଣିପାଗ ବିଭାଗରେ ଉପନିର୍ଦ୍ଦେଶକ ଅଛି।

ଅସଫାକ:ନମସ୍କାର ଡ. ପ୍ରମୋଦା। ମୁଁ ଆପଣଙ୍କ ବକ୍ତବ୍ୟକୁ ଅପେକ୍ଷା କରିବି।

ପ୍ରମୋଦା:ନମସ୍କାର। ଆପଣଙ୍କୁ ସ୍ୱାଗତ କରୁଛି।

ମନୋହର: ଏ ମୋ ପୁଅ ବିଶାଲ, କଲେଜରେ ପରିବେଶ ବିଜ୍ଞାନର ଛାତ୍ର

ଆଉ ଏ ମୋ ଝିଅ ମୁକ୍ତା। ଦଶମ ଶ୍ରେଣୀର ଛାତ୍ରୀ।

ଅସଫାକ:ହ୍ୟାଲୋ ପିଲାମାନେ। ତମ ସହ ଦେଖାହେଲା, ବହୁତ ଭଲ ଲାଗିଲା।

ବିଶାଲ/ମୁକ୍ତା: ନମସ୍କାର ଅଙ୍କଲ୍,

ମନୋହର: ଶୁଣ। ଏ ହେଉଛନ୍ତି ପ୍ରଫେସର ଅସଫାକ। କାନାଡାର ଟରୋଣ୍ଟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

ବିଶାଲ: କିନ୍ତୁ ବାପା, ଆପଣ ଏହାଙ୍କୁ କେମିତି ଜାଣିଲେ? କେଉଁଠି ଦେଖା ହୋଇଥିଲା?

ଅସଫାକ:(ହସି ହସି) ମୁଁ କହୁଛି। ଗତବର୍ଷ, ମୁଁ ଗୋଟିଏ ସମ୍ମିଳନୀ ପାଇଁ ଦିଲ୍ଲୀ ଆସିଥିଲି। ବିଷୟ ଥିଲା ନବଉନ୍ମେଷ ଏବଂ ସହନୀୟ କୃଷି। ତମ ବାପା ବି ସେଥିରେ ଆସିଥିଲେ। ଆମେ ଅନେକ ବିଷୟରେ ଆଲୋଚନା କରିଥିଲୁ।

ପ୍ରମୋଦା:ଏବେ ତ ସମୟ ଅଛି, ପ୍ରଫେସର ଅସଫାକ, ଚାଲନ୍ତୁ କଫି କପେ ପିଇବା।

ଅସଫାକ:ମୁଁ ବି ଏଇଆ ଭାବୁଥିଲି। ଚାଲନ୍ତୁ ଯିବା।

ଦୃଶ୍ୟ ପରିବର୍ତ୍ତନ, କଫି ଦୋକାନ

ବିଶାଲ: ମାଉସୀ, ତମେ ମତେ ବିଶ୍ୱ ଉଷ୍ମାୟନ ବିଷୟରେ କହିବାର ଥିଲା।

ଅସଫାକ:ବିଶ୍ୱ ଉଷ୍ମାୟନ! କିନ୍ତୁ ତମେ କାହିଁକି ଜାଣିବାକୁ ଚାହୁଁଛ?

ପ୍ରମୋଦା:କାଲି ମୁଁ ତାକୁ ସବୁଜକୋଠରୀ ବାଷ୍ପ ଆଉ ବିଶ୍ୱ ଉଷ୍ମାୟନ ଉପରେ କହୁଥିଲି। ବିଶାଲ, ଜାଣିଛ, ପ୍ରଫେସର ଅସଫାକ ଏ ବିଷୟରେ ଜଣା ବିଖ୍ୟାତ ବୈଜ୍ଞାନିକ। ବିଶ୍ୱ ଉଷ୍ମାୟନ ତ ତାଙ୍କ ବିଷୟ।

ବିଶାଲ: ଅଙ୍କଲ୍, ମାଉସୀ କହୁଥିଲେ ଯେ ଚଳିତ ଶତାବ୍ଦୀର ଶେଷ ଆଡ଼କୁ ପୃଥିବୀର ତାପମାତ୍ରା ଦେଢ଼ଡିଗ୍ରୀ ବଢ଼ିଯିବ।

ଅସଫାକ:ଠିକ କହିଛନ୍ତି। ଏ ତ ବହୁତ ଜରୁରୀ ବିଷୟ।

ମନୋହର: ଜରୁରୀ! ପ୍ରଫେସର, ଏ ବିଷୟରେ ଆପଣ ଆଉ ଟିକେ ବିସ୍ତାରରେ କହିବେ?

ଅସଫାକ:ହଁ ନିଶ୍ଚୟ। ପ୍ରଥମେ ଆମେ କୃଷି ବିଷୟରେ ହିଁ କଥା ହେବା। ଠିକ ଅଛି।

ମନୋହର: ହଁ ପ୍ରଫେସର, ଠିକ ହେବ।

ଅସଫାକ:ଆମ ଦେଶର ଆର୍ଥିକ ବ୍ୟବସ୍ଥା ବିଶେଷ ଭାବରେ କୃଷି ଉପରେ ନିର୍ଭର କରେ। ବିଶ୍ୱ ଉଷ୍ମାୟନର ସମସ୍ୟା ଯେତେ ଯେତେ ବଢ଼ିବ , କୃଷି ଉତ୍ପାଦନ ସେତେ ସେତେ କମିବ । ଅନେକ କାରଣରୁ ଏମିତି ହେବ। ପ୍ରତି ଏକର ପିଛା ଉତ୍ପାଦନ କମିବ।

ମନୋହର: ଚାଷୀଙ୍କ ଜୀବନ ତ ଆହୁରି ଦୟନୀୟ ହୋଇଯିବ।

ଅସଫାକ:କଥା ଏଇଠି ଅଟକି ଯିବନାହିଁ। ପାଣିପାଗର ଚକ୍ର ଏହା ଯୋଗୁ ଅତି ମାତ୍ରାରେ ପ୍ରଭାବିତ ହେବ। ଫଳରେ ମରୁଡ଼ି ଆଉ ବନ୍ୟା ଭଳି ପରିସ୍ଥିତି ଆସିବାର ଭୟ ରହିଛି। ଏଥିରେ ଚାଷୀଙ୍କ ସହିତ ରାଷ୍ଟ୍ରର

ଅର୍ଥବ୍ୟବସ୍ଥା ବି ପ୍ରଭାବିତ ହେବ। ମରୁଡ଼ି ହେଲେ କୃଷି ସହିତ ପଶୁପାଳନ ବି ପ୍ରଭାବିତ ହେବ। ମୌସୁମୀ ଆଉ ବର୍ଷା ଉପରେ ନିର୍ଭର କରୁଥିବା ଦେଶ ବହୁତ ପରିମାଣରେ ପ୍ରଭାବିତ ହେବେ।

ମାନସୀ: ଗତ ୨୦୧୮ ମସିହାରେ କେରଳରେ ଆସିଥିବା ଭୟଙ୍କର ବନ୍ୟା ଏହାର ପରିଣାମ। ଏଥିରେ କୋଟି କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ଧନ, ଜନଙ୍କ ସହିତ ଫସଲ, ପଶୁଧନ, ସମ୍ପତ୍ତି ଆଦି ବି ନଷ୍ଟ ହେଲା, ଲକ୍ଷ ଲକ୍ଷ ଲୋକଙ୍କର ଜୀବିକା ଚାଲିଗଲା । ବନ୍ୟାର ପ୍ରଳୟଙ୍କାରୀ ପ୍ରଭାବ ପରେ ସ୍ଥିତି ସୁଧୁରିବା ପାଇଁ ଅନେକ ବର୍ଷ ଲାଗିଯିବ। ଲୋକଙ୍କୁ ପୁନଃବସତି ଆଉ ପୁନଃ ସ୍ଥାପିତ କରିବା ଗୋଟିଏ ବଡ଼ ଆହ୍ୱାନ।

ପ୍ରମୋଦା:ଆପଣ ଠିକ କହୁଛନ୍ତି ସାର୍। ଏଭଳି ପରିସ୍ଥିତି ଆଗକୁ ଆହୁରି ଆସିବ।

ମାନସୀ: କେମିତି?

ପ୍ରମୋଦା:ରୋଗ ବ୍ୟାପିବ। ଏହାର ଦୁଇଟି ମୁଖ୍ୟ କାରଣ ଅଛି। ପ୍ରଥମ ହେଉଛି ବନ୍ୟା ଆସିବା ଏବଂ ପାଣି ଜମି ରହିବା। ବନ୍ୟା ପାଣି ଛାଡ଼ିଲା ପରେ ମୂଷା, ଚୁଚୁନ୍ଦ୍ରା, ମଶା ଏବଂ ଏହିଭଳି ଅନ୍ୟ ଜୀବଙ୍କ ପ୍ରକୋପ ବଢ଼ିଯିବ। ମ୍ୟାଲେରିଆ, ତରଳ ଝାଡ଼ା, ହଇଜା ଭଳି ରୋଗ ଦ୍ରୁତ ଗତିରେ କେରଳରେ ବ୍ୟାପିଥିଲା।

ମୁକ୍ତା: ଓହୋ, ତାହେଲେ ଏଇ କାରଣରୁ ଏସବୁ ରୋଗ କେରଳରେ ଦ୍ରୁତ

ଗତିରେ ବ୍ୟାପିଥିଲା।

ଅସଫାକ:ମୁକ୍ତା, ତମେ ଠିକ କହିଛ।

ମାନସୀ: ଏ ତ ଗୋଟିଏ କାରଣ ହେଲା। ଦ୍ୱିତୀୟ କାରଣ କ'ଣ ପ୍ରଫେସର ଅସଫାକ?

ଅସଫାକ:ମଶା ଭଳି କୀଟ ଆଗେ ଥଣ୍ଡା ଅଞ୍ଚଳରେ ହେଉ ନ ଥିଲେ। ଏବେ କିନ୍ତୁ ଗରମ ହେବାରୁ ତାଙ୍କର ପ୍ରକୋପ ବଢୁଛି। ଏବେ ଥଣ୍ଡା ଅଞ୍ଚଳର ଲୋକମାନେ ବି ମ୍ୟାଲେରିଆ , ଡେଙ୍ଗୁ, ପୀତ ଜ୍ୱର ଭଳି ରୋଗ ଭୋଗୁଛନ୍ତି। ଗୋଟିଏ ରିପୋର୍ଟ ଅନୁସାରେ କାନାଡାରେ ବି ମଶାଦ୍ୱାରା ବ୍ୟାପୁଥିବା ଭୂତାଣୁ ମିଳିଲେଣି।

ବିଶାଲ: ହେ ଭଗବାନ! ବିଶ୍ୱ ଉଷ୍ମାୟନର ଏତେ ସବୁ ପ୍ରକୋପ।

ଅସଫାକ:ଏ ତ ଆରମ୍ଭ ମାତ୍ର। ଆଗକୁ ଦେଖ କ'ଣ ହେବ। ଯାହା ସବୁ ଆମ ଦେଶ ଭାରତକୁ ପ୍ରଭାବିତ କରିବ ମୁଁ ତମକୁ ସେସବୁ ବିଷୟରେ ହିଁ କହିବି।

ମୁକ୍ତା: ହଁ ଅଙ୍କଲ, କୁହନ୍ତୁ।

ଅସଫାକ:ଗୋଟିଏ ହେଉଛି ଗରମ ପ୍ରବାହ ଏବଂ ଗରମ ବାୟୁର ପ୍ରଚଳନ। ତାପମାତ୍ରା ବଢୁଛି ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳର ଦେଶ ଅର୍ଥାତ ଭାରତରେ ବି ଗରମ ପବନର ପ୍ରକୋପ ବଢଞ୍ଚିବ।

ପ୍ରମୋଦା:ହଁ ସାର୍। ଗତ ତିନି ବର୍ଷରେ ତାପମାତ୍ରା ବଢ଼ିବାର ରେକର୍ଡ ଭାଙ୍ଗିଛି। ରାଜସ୍ଥାନର ଫଲୋଦି ସହରରେ ତାପମାତ୍ରା ୫୧ ଡିଗ୍ରୀ

ରେକର୍ଡ କରାଯାଇଥିଲା।

ଅସଫାକ:ଠିକ କହିଛ। ମାସାଚ୍ୟୁଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜିର କମ୍ପ୍ୟୁଟର ଆଧାରିତ ଅଧ୍ୟୟନରୁ ଦେଖାଯାଇଛି ଯେ ୨୧୦୦ ମସିହା ବେଳକୁ ଭାରତ, ପାକିସ୍ଥାନ ଆଉ ବାଂଲାଦେଶ ମଣିଷ ରହିବା ଯୋଗ୍ୟ ହୋଇ ଆଉ ରହିବନାହିଁ।

ବିଶାଲ:   ହେ ଭଗବାନ! କ'ଣ ହେବ। ଏଥିପାଇଁ ତ କିଛି କରିବାକୁ ହେବ।

ଅସଫାକ:ଠିକ କହିଛ ବିଶାଲ। ସମୁଦ୍ରର ଜଳପତନର ବି ଭୟ ରହିଛି। ଏହା ଧୀରେ ଧୀରେ ବଢୁଛି। ତାପମାତ୍ରା ଯେତେ ବଢ଼ିବ , ମେରୁ ଅଞ୍ଚଳର ବରଫ ତରଳିବ। ହିମଖଣ୍ଡ ବି ତରଳିବ। ତରଳୁଥିବା ବରଫର ପାଣି ନଦୀ ହୋଇ ମହାସାଗରରେ ପହଞ୍ଚିବ। ଅଧିକ ପାଣି ଆସିବା ଯୋଗୁ ନଦୀରେ ବନ୍ୟା ଆସିବାର ଆଶଙ୍କା ବଢ଼ିବ, ଏହାଦ୍ୱାରା ଫସଲ, ଧନ, ଜନଜୀବନ ସବୁ ନଷ୍ଟ ହେବ । ଲୋକଙ୍କୁ ବିସ୍ଥାପିତ କରିବା ଆଉ ପୁନଃସ୍ଥାପିତ କରିବାର ସମସ୍ୟା ବଢ଼ିବ।

ପ୍ରମୋଦା:ହଁ ପ୍ରଫେସର। ଆମେରିକାର କଲୋରାଡୋ ନଦୀରେ ତ ପାଣି ଆସିବା ଛଅଗୁଣ ବଢ଼ିଯାଇଥିଲା। ଏସବୁ ବରଫ ତରଳିବା ଯୋଗୁଁ ହିଁ ହୋଇଥିଲା।

ଅସଫାକ:ସମୁଦ୍ରରେ ଜଳପତନ ବଢ଼ିବା ଯୋଗୁ ଅନେକ ଛୋଟ ଛୋଟ ଦ୍ୱୀପ ବୁଡ଼ିଯିବ। ସମୁଦ୍ର କୂଳର ଅନେକ ସହର ପାଣିରେ ବୁଡ଼ିଯିବାର ଆଶଙ୍କା ରହିଛି। ଗୋଟିଏ ଅଧ୍ୟୟନରୁ ଜଣାଯାଏ ଯେ ୨୧୦୦ ମସିହା ବେଳକୁ

ସମୁଦ୍ର ପତନ ୧୫ରୁ ୨୦ ଫୁଟ ବଢ଼ିଯିବ।

ପ୍ରମୋଦା:ଏହାର ଓଲଟା ପ୍ରଭାବ ବି ଦେଖିବାକୁ ମିଳିବ। ତାପମାତ୍ରା ବଢୁଥିବାରୁ ଗଙ୍ଗାନଦୀର ହିମପ୍ରବାହ ଗଙ୍ଗୋଥୀ ସଙ୍କୁଚିତ ହେଉଛି। କିଛି ହିମପ୍ରବାହ ତ ବର୍ଷକୁ ୧୨୦ ଫୁଟ ଯାଏଁ ସଙ୍କୁଚିତ ହେଉଛି। ତା ମାନେ ଭବିଷ୍ୟତରେ କମ୍ ବରଫ ତରଳିବ , ଫଳରେ ନଦୀରେ ପାଣି ଆସିବା କମିଯିବ। ପରିଣାମ ପିଇବା ପାଇଁ ଆଉ କୃଷି ପାଇଁ ପାଣି କମ୍ ଉପଲବ୍ଧ ହେବ। ନଦୀ କୂଳର ଜନବସତି ପାଇଁ ଏସବୁ ବହୁତ ବଡ଼ ବିପଦର ସଙ୍କେତ।

ଅସଫାକ:କାରଣ ସେଇ ଗୋଟିଏ, କିନ୍ତୁ ପରିଣାମ ଅନେକ ପ୍ରକାରର। ଏହାଛଡ଼ା ଆହୁରି ବି ଅନେକ ବଡ଼ ବିପଦ ଅଛି। ଜୈବବିବିଧତା ଧୀରେ ଧୀରେ କମିବାରେ ଲାଗିବ। କାରଣ ଜୀବଜନ୍ତୁ ଆଉ ଗଛଲତା ବଢ଼ନ୍ତା ତାପମାତ୍ରାକୁ ସହନ କରିପାରିବେ ନାହିଁ। ପ୍ରଭାବିତ ଅଞ୍ଚଳ ଆଉ ଦେଶକୁ ଆର୍ଥିକ ଦିଗରୁ ବହୁତ ଅସୁବିଧା ହେବ। ସେ ଅଞ୍ଚଳର ଅଧିବାସୀଙ୍କୁ ବି ଅନେକ ସମସ୍ୟା ଆସିବ।

ମାନସୀ: ପ୍ରଫେସର, ପରିସ୍ଥିତି କ'ଣ ଆମ ହାତରୁ ବାହାରି ଗଲାଣି।

ଅସଫାକ:ସେହିଭଳି। ଆମକୁ କିଛି ତ କରିବାକୁ ହେବ। ଆଗାମୀ ପିଢ଼ି ପାଇଁ କିଛି ତ ଦାୟିତ୍ୱ ରହିଛି। ସବା ପ୍ରଥମେ ଲୋକଙ୍କୁ ଶିକ୍ଷିତ କରିବାକୁ ହେବ। ସେମାନଙ୍କୁ କହିବାକୁ ହେବ ଯେ ଆମ କାର୍ଯ୍ୟକଳାପ ଯୋଗୁ କ'ଣ ସବୁ ହେଉଛି ଏବଂ ଯଦି ଏବେଠୁ ସମ୍ଭାଳି ନ ଯିବା ଆଗାମୀ ସମୟରେ କ'ଣ ହୋଇପାରେ।

ମାନସୀ: ସେମାନଙ୍କୁ ସଚେତନ କରିବା ସହିତ କହିବାକୁ ହେବ ଯେ ସେସବୁ କାର୍ଯ୍ୟକଳାପ ଆମକୁ ନିୟନ୍ତ୍ରିତ କରିବାକୁ ହେବ। ଆମକୁ ଠିକ ଦିଗରେ ବଢ଼ିବାକୁ ହେବ ଏବଂ ସକାରାତ୍ମକ ପଦକ୍ଷେପ ନେବାକୁ ହେବ।

ବିଶାଲ: ମା, ତମେ ତମ ସ୍ୱେଚ୍ଛାସେବୀ ସଂସ୍ଥା ମାଧ୍ୟମରେ ଅଧିକରୁ ଅଧିକ ଲୋକଙ୍କ ପାଖରେ ଏହି ତଥ୍ୟ ପହଞ୍ଚାଇପାରିବ। ଏ ଦିଗରେ ତାହେଲେ କାମ ଆରମ୍ଭ କରାଯାଉ।

ପ୍ରମୋଦା:ସରକାର ବି ଏହିଭଳି କିଛି ଯୋଜନା କରୁଛନ୍ତି। ଜୀବାଶ୍ମ ଇନ୍ଧନର ବ୍ୟବହାର କମ୍ କରାଯାଉଛି, ସୌର ଶକ୍ତି, ପବନ ଶକ୍ତି ଭଳି ପାରମ୍ପରିକ ଶକ୍ତି ଉପରେ ଅଧିକ ଜୋର ଦିଆଯାଉଛି। । ୨୦୩୦ ମସିହା ବେଳକୁ ବିଦ୍ୟୁତ ଶକ୍ତିର ଶତକଡ଼ା ୪୦ ଭାଗ ଏହିଭଳି ସଂସାଧନରୁ କରାଯିବାର ଯୋଜନା ରହିଛି।

ମାନସୀ: ଆମ ସଂସ୍ଥାର ନେଟୱର୍କ ମାଧ୍ୟମରେ ମୁଁ ଆମ ସଦସ୍ୟମାନଙ୍କୁ ଏ ବିଷୟରେ ନିଶ୍ଚୟ ସଚେତନ କରିବି। ଶକ୍ତି ବ୍ୟବହାର କମ୍ କରିବେ ଆଉ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ ବି କମ୍ କରିବେ।

ଅସଫାକ:ଆମ ସମସ୍ତଙ୍କୁ କରିବାକୁ ହେବ। ବହୁତ ଶୀଘ୍ର ଆଉ ଦ୍ରୁତ ଗତିରେ କାମ କରିବାକୁ ହେବ। କାରଣ ପରିବର୍ତ୍ତନ ବହୁତ ଜୋର ଗତିରେ ହେଉଛି। ଯଦି ଆଜି ଏବେ ସବୁ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ ବନ୍ଦ କରିଦିଆଯାଏ ତାହେଲେ ସକାରାତ୍ମକ ପ୍ରଭାବ ଦେଖିବାକୁ ୧୦୦ ବର୍ଷ ଲାଗିଯିବ। ସେଥିପାଇଁ ଯେତେ ସମ୍ଭବ ପ୍ରଚେଷ୍ଟା କରିବାକୁ ହେବ।

ବିଶାଳ:   ବାଃ ଅଙ୍କଲ! ଆପଣ ତ ବେଶ୍ ସରଳ ଭାଷାରେ ସବୁକିଛି ବୁଝେଇ ଦେଲେ। ବହୁତ ବହୁତ ଧନ୍ୟବାଦ।

ଅସଫାକ:ତମକୁ ବି ଅନେକ ଧନ୍ୟବାଦ ବିଶାଳ।

(ସମ୍ମିଳନୀ ଆରମ୍ଭ ହେବାର ଶବ୍ଦ)

ପ୍ରମୋଦା:ମୋ ବକ୍ତବ୍ୟ ରଖିବାର ସମୟ ହୋଇଗଲା। ଆଚ୍ଛା ଯାଉଛି। ସନ୍ଧ୍ୟାରେ ଦେଖା ହେବ।

ମନୋହର:  ଆସ ସମସ୍ତେ ହଲ୍ ଭିତରକୁ ଯିବା। ଦେଖିବା କେଉଁ ବିଷୟ ସବୁ ଉପରେ କ'ଣ ଆଲୋଚନା ହେବ।